# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
# ଢେଙ୍କାନାଳ

ପତ୍ର ସଂଖ୍ୟା ୧୦୪୦ / ସୂ.ଲୋ.ସଂ, ୨୬/୧୦/୨୦୧୫

**ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତାଙ୍କ ଢେଙ୍କାନାଳ ଜିଲ୍ଲା ଗସ୍ତ**

ଢେଙ୍କାନାଳ, ତା ୨୬/୧୦/୨୦୧୫ ରିଖ :- ଓଡ଼ିଶା ସରକାରଙ୍କ ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତା ଏଣୁ ଦୁଇଦିନିଆ ଢେଙ୍କାନାଳ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ସଦର ବ୍ଲକର କାମାଳି, ଗଂଦିଆ ବ୍ଲକର ଜୋରନ୍ଦା, ଭୁବନ ବ୍ଲକର ନୀଳକଣ୍ଠପୁର, ବାସୁଦେବପୁର, ମଠକରଗୋଳା ଏବଂ ସଦର ବ୍ଲକର ଜୋରାପଦା, ଶ୍ୟାମାଚରଣପୁର, କରମୁଳ ଓ ଓଡ଼ାପଡ଼ା ବ୍ଲକର ଅସନବାହାଲି, ଗଡ଼ସିଲା, କାଶିଆଡ଼ିହ, ବଳରାମପୁର, କଣିଆପଡ଼ା, ନୂଆ ଓଡ଼ାପଡ଼ା ଗସ୍ତ କରିଥିଲେ ।

ଗସ୍ତ ସମୟରେ ଶ୍ରୀ ଗୁପ୍ତା କାମାଳି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ବିଦ୍ୟାଳୟର ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ ସହ ଗଂଦିଆ ବ୍ଲକର ଜୋରନ୍ଦା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ଜୋରନ୍ଦା ଡାକ୍ତରଖାନା ଓ ପଞ୍ଚାୟତ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ଭୁବନ ବ୍ଲକ ନୀଳକଣ୍ଠପୁରଠାରେ ବାଡ଼ିଶୁଦ୍ଧ ପ୍ରତିମୂର୍ତ୍ତି ପରିଦର୍ଶନ କରିବା ସହ ଉକ୍ତ ସ୍ଥଳର ସର୍ବାଙ୍ଗୀନ ଉନ୍ନତି ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାସୁଦେବପୁର ଗ୍ରାମରେ ପାଣି ସମସ୍ୟା ଜନିତ ପରିଶୁଦ୍ଧ ଜଳ ବ୍ୟବସ୍ଥା ସଂପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ମଠକରଗୋଳା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସହିତ ବିଦ୍ୟାଳୟର କାନ୍ଥଗୁଡ଼ିକର ତୁରନ୍ତ ମରାମତି ସଂପର୍କରେ ଗୁରୁତ୍ୱାରୋପ କରିଥିଲେ । ଶ୍ୟାମାଚରଣପୁର ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା• ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ ସହିତ ଛାତ୍ରୀ-ଛାତ୍ରମାନଙ୍କ ସହିତ ପ୍ରଶିକ୍ଷଣ ସଂପର୍କରେ ଆଲୋଚନା କରିଥିଲେ । ଜୋରାପଦାଠାରେ ନିଜସ୍ୱ ଉଦ୍ୟମରେ ଏସ୍ପ୍ଲାନ କପ ଏଣ୍ଟରପ୍ରାଇଜ ପେପର କପ କାରଖାନା ପରିଦର୍ଶନ କରି ଛୋଟ ଛୋଟ ମହିଳାମାନଙ୍କୁ ଏକାଠି କରି ଏକ୍ସପୋର୍ଟ ଭିତରେ ଗୋଷ୍ଠୀ ଗଠନ ପାଇଁ ପରାମର୍ଶ ଦେଇଥିଲେ । କର୍ଲିଂ ପ୍ଲାଣ୍ଟ, କରମୁଳ ପରିଦର୍ଶନ ସହ ସମସ୍ତ ପ୍ଲାଣ୍ଟର ଖୋଲା ବୁଲି ଦେଖିଥିଲେ । ପାନୀୟ ଜଳ ଗୁଣ୍ଡୁପଡ଼ା ଅସନବାହାଲି, ଚିଲାଇ ସିଲ୍କ କ୍ଲଷ୍ଟର ସହ ଗଡ଼ସିଲା ୟୁ.ପି. ସ୍କୁଲଠାରେ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଅଙ୍ଗନବାଡ଼ି କର୍ମୀ ଓ ପିଲାମାନଙ୍କର ଅଭିଭାବକମାନଙ୍କ ସହ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ବଳରାମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ ଆଲୋଚନା କରିଥିଲେ । କଣିଆପଡ଼ାଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ପରିଦର୍ଶନ କରି ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ନୂଆ ଓଡ଼ାପଡ଼ାଠାରେ ନିର୍ମିତ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରି ଯଥାଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ସୁନାଗଡ଼ିଆ ପାଇକୁଳୀ ମାଲିକ ସଂଘର କର୍ମଚାରୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସହିତ ଆଲୋଚନା କରି

= ୨ =

ସାଲ୍ଲୁଗୁମ ପରିଦର୍ଶନ କରିଥିଲେ ।

ଏତଦ୍ଭିନ୍ନ ମୁଖ୍ୟ ଶାସନ ସଚିବ ଶ୍ରୀ ଶୁଭ୍ରାଙ୍କ ସହ ଜିଲ୍ଲାପାଳ ଶ୍ରୀ କପିଳ ସଜ୍ଜନ କଲ୍ୟାଣ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ଶେଲେଶ, ଡିଏମ, ଆର.ଆଇ.ସି. ଶ୍ରୀ ଦେବଦତ୍ତ ଜେନା, ସଦର ଉପଜିଲ୍ଲାପାଳ ଶ୍ରୀ ପୀତାମ୍ବର ସାମଲ, କାମାକ୍ଷାନଗର ଉପଜିଲ୍ଲାପାଳ ଶ୍ରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ସଂପୃକ୍ତ ବିଡିଓ ଓ ତହସିଲଦାର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ହେମନ୍ତ କୁମାର ନାୟକ
୨୬/୧୦/୨୦୧୮

ଜିଲ୍ଲା ସୂଚନା ଓ ଲୋକ
ସଂପର୍କ ଅଧିକାରୀ
ଢେଙ୍କାନାଳ